ଧର୍ତି ପାକର୍ ମଦନ ଲାଲ୍ ଅଗ୍ରୱାଲ

ବନାମ

କେ.ଆର୍. ନାରାୟଣନ୍ ଏବଂ ଅନ୍ୟମାନେ

ନଭେମ୍ବର 24,1997

[ଏସ୍. ସି. ଅଗ୍ରୱାଲ, ଜି.ଏନ୍. ରାୟ, ଡଃ ଏ.ଏସ୍. ଆନନ୍ଦ, ଏସ୍.ପି. ଭରୁଚା ଏବଂ ଏସ୍. ରାଜେନ୍ଦ୍ର ବାବୁ, ନ୍ୟାୟମୂର୍ତ୍ତିଗଣ]

*ନିର୍ବାଚନ ଆଇନ:*

*ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ଅଧିନିୟମ, 1952:*

*ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ (ଅଧ୍ୟାଦେଶ,) 1997 ଦ୍ୱାରା ସଂଶୋଧିତ ଧାରା 5-ବି ଏବଂ 5-C—ବୈଧତା—ଚରଣ ଲାଲ ସାହୁ ମାମଲାରେ ଏହି ନ୍ୟାୟାଳୟଙ୍କର 7 ଜଣିଆ ବିଚାରପତି ବିଚାରପୀଠ, ପୂର୍ବରୁ ବୈଧତାକୁ ସମର୍ଥନ କରିଛନ୍ତି—ଦର୍ଶାଯାଇଛି, ଚରଣ ଲାଲ ସାହୁ ମାମଲାରେ ପୁନର୍ବିଚାରର ଆବଶ୍ୟକତା ନାହିଁ ।*

*ଅଭ୍ୟାସ ଏବଂ ପ୍ରକ୍ରିୟା:*

*ମିଳିତ ଆବେଦନ—ଗ୍ରହଣୀୟତା—ଆବେଦନଟି, ନିର୍ବାଚନ-ତଥା-ରିଟ୍ ଆବେଦନ ଭାବେ ବର୍ଣ୍ଣିତ ହୋଇଛି—ଦର୍ଶାଯାଇଛି, ଏପରି ଆବେଦନ ଗ୍ରହଣୀୟ ନୁହେଁ—ଭାରତର ସମ୍ବିଧାନ—ଅନୁଚ୍ଛେଦ 32 ।*

**ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ (ଅଧ୍ୟାଦେଶ), 1997 ଦ୍ୱାରା ସଂଶୋଧିତ ହୋଇଥିବା ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ଅଧିନିୟମ, 1952ର ଧାରା 5-B ଏବଂ 5-Cକୁ ଆପତ୍ତି କରି ଆବେଦନକାରୀ ଏହାକୁ ନିର୍ବାଚନ ଆବେଦନ ତଥା ରିଟ୍ ଆବେଦନ ବୋଲି ବର୍ଣ୍ଣନା କରି, ଭାରତର ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏକ ମିଳିତ ଆବେଦନ ଦାଖଲ କରିଥିଲେ । ଏହି ନ୍ୟାୟାଳୟ ଆବେଦନକାରୀଙ୍କୁ ସୂଚାଇଥିଲେ ଯେ, ଏପରି ମିଳିତ ଆବେଦନ ଅନୁରକ୍ଷଣୀୟ ନୁହେଁ । ଏହା ପରେ ଆବେଦନକାରୀ ଏହି ନ୍ୟାୟାଳୟଙ୍କୁ ତାଙ୍କ ଆବେଦନକୁ ରିଟ୍ ଆବେଦନ ଭାବରେ ବିବେଚନା କରିବାକୁ ଏବଂ ଉତ୍ତରଦାତା ସଂଖ୍ୟା 1ଙ୍କ ନିର୍ବାଚନକୁ ରଦ୍ଦ କରିବା ବିଷୟରେ ତାଙ୍କ ଦ୍ୱାରା ଅନୁରୋଧ କରାଯାଇଥିବା ପ୍ରତିକାରର ବିଲୋପ କରିବାକୁ ଅନୁରୋଧ କରିଥିଲେ ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ଦର୍ଶାଇଛନ୍ତି: 1. ଆବେଦନକାରୀଙ୍କ ଉପସ୍ଥାପନରେ କୌଣସି ଆଧାର ନାହିଁ ଯେ,** *ଚରଣ ଲାଲ ସାହୁ ବନାମ ନୀଲମ ସଞ୍ଜୀବା ରେଡ୍ଡୀ** **ମାମଲାରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ପୁନର୍ବିଚାର କରିବାର ଆବଶ୍ୟକତା ରହିଛି । ତେଣୁ ଏହି ରିଟ୍ ଆବେଦନରେ କୌଣସି ଯୋଗ୍ୟତା ନାହିଁ ।**

**[336- H]**

* *ଚରଣ ଲାଲ ସାହୁ ବନାମ ନୀଲମ ସଞ୍ଜୀବା ରେଡ୍ଡୀ*, **[1978] *1* SCR 1, ଉଲ୍ଲେଖ କରାଯାଇଛି ।**

ମୂଳ କ୍ଷେତ୍ରାଧିକାର: ରିଟ୍ ଆବେଦନ (ସି) ସଂଖ୍ୟା 622/1997 ।

(ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ)

ଅଶୋକ ଦେଶାଇ, ମହା ନ୍ୟାୟବାଦୀ, ଟି.ଆର୍. ଅନ୍ଧ୍ୟାରୁଜିନା, ମହା ନ୍ୟାୟାଭିକର୍ତ୍ତା, ସୋଲି ଜେ. ସୋରାବଜୀ, (ସି.ଏଲ୍. ସାହୁ,) ବ୍ୟକ୍ତିଗତ ଭାବେ, ଏସ୍.କେ. ବନ୍ଦୋପାଧ୍ୟାୟ, (ଧର୍ତୀ ପାକର ଏବଂ ଏମ୍.ଏଲ୍. ଅଗ୍ରୱାଲ) । ଉପସ୍ଥିତ ପକ୍ଷମାନଙ୍କ ପାଇଁ ବ୍ୟକ୍ତିଗତ ଭାବେ ପି.ଏଚ୍. ପାରେଖ, ସମୀର ପାରେଖ, ସୁଶ୍ରୀ ରୁଚି ଖୁରାନା, ପି.ପରମେଶ୍ୱରନ୍, ପଲ୍ଲବ ଶିଶୋଡ଼ିଆ, ସୁବ୍ରତ ବିର୍ଲା, ଏନ୍.କେ. କୌଲ, ମନୋଜ ୱାଡ ଏବଂ ଏ.ଏମ୍. ଖାନୱିଲକର ।

ନ୍ୟାୟାଳୟଙ୍କ ରାୟ, **ଏସ୍.ସି. ଅଗ୍ରୱାଲ, ନ୍ୟାୟମୂର୍ତ୍ତି**ଙ୍କ ଦ୍ୱାରା ପ୍ରଦାନ କରାଯାଇଛି ।

ଆବେଦନକାରୀଙ୍କ ଦ୍ୱାରା ବ୍ୟକ୍ତିଗତ ଭାବେ ଏହି ଆବେଦନ ଦାଖଲ କରାଯାଇଥିଲା । ଏହାକୁ ନିର୍ବାଚନ ଆବେଦନ-ତଥା-ରିଟ୍ ଆବେଦନ ଭାବରେ ବର୍ଣ୍ଣନା କରାଯାଇଛି । ନ୍ୟାୟାଳୟଙ୍କ ସମ୍ମୁଖରେ ତାଙ୍କର ଉପସ୍ଥାପନ ସମୟରେ ଆବେଦନକାରୀଙ୍କୁ ସୂଚିତ କରାଯାଇଥିଲା ଯେ, ଏପରି ଏକ ମିଳିତ ଆବେଦନ ଅନୁରକ୍ଷଣୀୟ ନୁହେଁ ଏବଂ ଆବେଦନକାରୀ ଏହି ଆବେଦନକୁ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏକ ନିର୍ବାଚନ ଆବେଦନ କିମ୍ବା ରିଟ୍ ଆବେଦନ ଭାବରେ ବିବେଚନା କରିବାକୁ ଚୟନ କରିପାରିବେ । ଆବେଦନକାରୀ ଉପସ୍ଥାପନ କରିଛନ୍ତି ଯେ, ଏହି ଆବେଦନକୁ ଏକ ରିଟ୍ ଆବେଦନ ଭାବରେ ବିବେଚନା କରାଯାଉ ଏବଂ ଉତ୍ତରଦାତା ସଂଖ୍ୟା 1ଙ୍କ ନିର୍ବାଚନକୁ ରଦ୍ଦ କରିବା ବିଷୟରେ ତାଙ୍କ ଦ୍ୱାରା ଅନୁରୋଧ କରାଯାଇଥିବା ପ୍ରତିକାରକୁ ବିଲୋପ କରାଯାଉ । ଆବେଦନକାରୀଙ୍କ ଉକ୍ତ ବିବୃତି ଅନୁଯାୟୀ ଏହି ଆବେଦନକୁ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଦାଖଲ ହୋଇଥିବା ଏକ ରିଟ୍ ଆବେଦନ ଭାବରେ ବିବେଚନା କରାଯାଇଛି ଏବଂ ପ୍ରତିକାର (a), (d)

ଏବଂ (h)କୁ ବିଲୋପ କରାଯାଇଛି । ତେଣୁ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ [ସଂଶୋଧନ] ଅଧ୍ୟାଦେଶ, 1997 [ସଂଖ୍ୟା 13/1997] ଦ୍ୱାରା ସଂଶୋଧିତ ହୋଇଥିବା, ଏହାପରେ 'ଅଧ୍ୟାଦେଶ' ଭାବେ ସୂଚିତ ହୋଇଥିବା, ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ଅଧିନିୟମ, 1952 [ଏହାପରେ 'ଅଧିନିୟମ' ଭାବେ ଉଲ୍ଲିଖିତ]ର ଧାରା 5B ଏବଂ 5Cରେ ବ୍ୟବସ୍ଥାଗୁଡ଼ିକର ବୈଧତା ଉପରେ ଆପତ୍ତି କରିବା ପର୍ଯ୍ୟନ୍ତ ଏହି ଆବେଦନ ସୀମିତ ଅଟେ । ଅଧିନିୟମ 5/1974 ଦ୍ୱାରା ସଂଶୋଧିତ ଧାରା 5B ଏବଂ 5Cରେ ବୈଧତାରେ ଆପତ୍ତି ପର୍ଯ୍ୟନ୍ତ ଏବଂ ଯେହେତୁ ସେଗୁଡ଼ିକ 1997ର ଅଧ୍ୟାଦେଶ ଘୋଷଣା ପୂର୍ବରୁ ରହିଥିଲା, *ଚରଣ ଲାଲ ସାହୁ ବନାମ ନୀଲମ ସଞ୍ଜୀବା ରେଡ୍ଡୀ,* [1978] 1 SCR 1ରେ ଏହି ନ୍ୟାୟାଳୟର 7 ଜଣିଆ ବିଚାରପୀଠ ଏହାକୁ ସମର୍ଥନ କରିଛନ୍ତି । ଅଧ୍ୟାଦେଶର ବୈଧତାକୁ ଡବ୍ଲ୍ୟୁ.ପି.(ସି) ସଂଖ୍ୟା 293/97 ଏବଂ 322/97ରେ ଏହି ନ୍ୟାୟାଳୟଙ୍କ ସମୁଖରେ ଆପତ୍ତି କରାଯାଇଥିଲା, ଯାହା ଯଥାକ୍ରମେ ଜୁନ୍ 19,1997 ଏବଂ ଜୁଲାଇ 11,1997ର ଆଦେଶ ଦ୍ୱାରା ଖାରଜ ହୋଇଛି । ଏହି ଅଧ୍ୟାଦେଶ, ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ [ସଂଶୋଧନ] ଅଧିନିୟମ, 1997 [ଅଧିନିୟମ 35/1997] ଦ୍ୱାରା ପ୍ରତିସ୍ଥାପିତ ହୋଇଛି । ଉକ୍ତ ଅଧିନିୟମର ବୈଧତାକୁ ଡବ୍ଲ୍ୟୁ.ପି.(ସି) ସଂଖ୍ୟା ଡି 13334/97ରେ ଆପତ୍ତି କରାଯାଇଥିଲା ଏବଂ ଉକ୍ତ ରିଟ୍ ଆବେଦନ 13 ଅକ୍ଟୋବର, 1997ର ଆଦେଶ ଦ୍ୱାରା ଖାରଜ କରାଯାଇଥିଲା ।

ଆବେଦନକାରୀ ଉପସ୍ଥାପନ କରିଛନ୍ତି ଯେ, *ଚରଣ ଲାଲ ସାହୁ ବନାମ ନୀଲମ ସଞ୍ଜୀବା ରେଡ୍ଡୀ,* [ପୂର୍ବୋକ୍ତ]ରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତିରେ ପୁନର୍ବିଚାର କରିବାର ଆବଶ୍ୟକତା ରହିଛି । ଆବେଦନକାରୀଙ୍କ ଉକ୍ତ ଉପସ୍ଥାପନରେ ଆମେ କୌଣସି ଆଧାର ପାଇନାହୁଁ । ତେଣୁ ଏହି ରିଟ୍ ଆବେଦନର କୌଣସି ଯୋଗ୍ୟତା ନାହିଁ ଏବଂ ସେହି ଅନୁଯାୟୀ ଏହାକୁ ଖାରଜ କରାଗଲା । ଆବେଦନକାରୀ ନ୍ୟାୟାଳୟ ଶୁଳ୍କ ପ୍ରଦାନରୁ ଛାଡ ପାଇଁ ମଧ୍ୟ ଏକ ଆବେଦନ ଦାଖଲ କରିଛନ୍ତି । ଆମେ ଉକ୍ତ ଆବେଦନର ଅନୁଧାନ କରିଛୁ । ଉକ୍ତ ଆବେଦନକୁ ଅନୁମତି ଦିଆଯାଇଛି ।

ଆର୍.କେ.ଏସ୍. ଆବେଦନ ଖାରଜ ହେଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।